# NATIONAL NEWS BULLETIN (ODIA)

## 13 January - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦେଶରେ ଘଟିଥିବା ପରିବର୍ତ୍ତନ ବ୍ୟାପକ ସୁଯୋଗ ସୃଷ୍ଟି କରିଛି; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ଜାମ୍ମୁ-କାଶ୍ମୀରର ସକ୍ସଗାମ୍ ଉପତ୍ୟକା ନେଇ ଚୀନ୍ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଚୁକ୍ତିନାମା ବୈଧ ନୁହେଁ; ସ୍ପଷ୍ଟ କଲେ ସ୍ଥଳସେନା ମୁଖ୍ୟ
- ବ୍ରାଣ୍ଡିଂରୁ ୧୦ ମିନିଟ୍ ଯୋଗାଣ ସେବା ସମୟ ସୀମା ପ୍ରତ୍ୟାହାର କରିବାକୁ ସହମତି ପ୍ରକାଶ କଲେ ଦେଶର ପ୍ରମୁଖ ଯୋଗାଣକାରୀ ସଂସ୍ଥା
- ବିକଶିତ ଭାରତ– ଜି.ରାମ.ଜି. ଆଇନର ସୁଫଳ ଦେଶବାସୀ ଖୁବ୍‌ଶୀଘ୍ର ପାଇବେ; କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ

ଏବଂ

- ମହିଳା ପ୍ରିମିୟର ଲିଗ୍ କ୍ରିକେଟ ପ୍ରତିଯୋଗିତାର ଆଜିର ମ୍ୟାଚ୍‌ରେ ଟସ୍ ଜିତି ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ ନିଷ୍ପତ୍ତି

# ଗୁଜୁରାଟ- ଅମିତ ଶାହା

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା କହିଛନ୍ତି, ଜୈବ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ ଅଭୂତପୂର୍ବ ପରିବର୍ତ୍ତନ ହାସଲ କରିଛି। ଗାନ୍ଧୀନଗର ଜିଲ୍ଲା ଅନ୍ତର୍ଗ ପେଥାପୁରଠାରେ ଗୁଜୁରାଟ ଜୈବ ପ୍ରଯୁକ୍ତିବିଦ୍ୟା ଗବେଷଣା କେନ୍ଦ୍ରର ଡି.ଏସ୍.ଏଲ୍.-ଫୋର୍ ଜୈବ କଣ୍ଟେନମେଣ୍ଟ ବ୍ୟବସ୍ଥାର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଆୟୋଜିତ ସମାବେଶକୁ ସମ୍ବୋଧନ କରି ଶ୍ରୀ ଶାହା ଏହା କହିଛନ୍ତି। ସେ କହିଛନ୍ତି, ଏଭଳି ପରିବର୍ତ୍ତନ ଦେଶରେ ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ୨୦୧୪ ମସିହାରେ ଦେଶର ଜୈବ ଅର୍ଥନୀତି ୧୦ ବିଲିୟନ୍ ଡଲାର ଥିବା ବେଳେ ୨୦୨୪ ଶେଷ ସୁଦ୍ଧା ଏହା ୧୬୬ ବିଲିୟନ୍ ଡଲାରକୁ ବୃଦ୍ଧି ପାଇଥିଲା। ଗତ ଦଶନ୍ଧି ମଧ୍ୟରେ ଦେଶରେ ଜୈବ ଷ୍ଟାର୍ଟ-ଅପ୍, ଜୈବ-ଇନକ୍ୟୁବେଟର ଏବଂ ପେଟେଣ୍ଟ ସଂଖ୍ୟାରେ ଘଟିଥିବା ଅଭିବୃଦ୍ଧି ଉପରେ ଶ୍ରୀ ଶାହା ଏହି ଅବସରରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି, ଗାନ୍ଧୀନଗର ଜିଲ୍ଲାରେ ନିର୍ମାଣ ହେବାକୁ ଥିବା ଜୈବ କଣ୍ଟେନମେଣ୍ଟ ବ୍ୟବସ୍ଥା ଏ କ୍ଷେତ୍ରରେ ପୁନେ ପରେ ଦେଶର ଦ୍ୱିତୀୟ ସର୍ବବୃହତ ପ୍ରତିଷ୍ଠାନ ହେବ। ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଏହା ବିଶେଷ ଉପଯୋଗୀ ହେବ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି।

**VO-AMIT-SHAH-BSL-4**

ତିନିଦିନିଆ ଗୁଜୁରାଟ ଗସ୍ତ ଅବସରରେ ଶ୍ରୀ ଶାହା ଆଜି ଗାନ୍ଧୀନଗର ଜିଲ୍ଲାର ମନସା ପୌରପାଳିକା ଅଞ୍ଚଳରେ ୨୬୦ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

# ଆର୍ମି ଚିଫ୍- ସକ୍ସଗାମ ଭ୍ୟାଲି

ଜାମ୍ମୁ-କାଶ୍ମୀରର ସକ୍ସଗାମ୍ ଉପତ୍ୟାକା ଭାରତୀୟ ସୀମା ଅନ୍ତର୍ଭୁକ୍ତ ବୋଲି ସ୍ଥଳ ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପୁନଃ ପ୍ରକାଶ କରିଛନ୍ତି। ଏହି ଉପତ୍ୟକା ନେଇ ୧୯୬୩ ମସିହାରେ ଚୀନ୍ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଚୁକ୍ତିନାମା ବୈଧ ନୁହେଁ ବୋଲି ଜେନେରାଲ ଦ୍ୱିବେଦୀ ସ୍ପଷ୍ଟ କରିଛନ୍ତି। ସକ୍ସଗାମ୍ ଉପତ୍ୟକା ଉପରେ ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତାଙ୍କ ମନ୍ତବ୍ୟ ପରିପ୍ରେକ୍ଷୀରେ ଜେନେରାଲା ଦ୍ୱିବେଦୀ ଏହା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ଏହି ଉପତ୍ୟକାରେ କୌଣସି ପ୍ରକାର କାର୍ଯ୍ୟକଳାପକୁ ଭାରତ ଅନୁମୋଦନ ପ୍ରଦାନ କରେ ନାହିଁ। ଚୀନ୍ ସହିତ ପ୍ରକୃତ ନିୟନ୍ତ୍ରଣ ରେଖାରେ ପରିସ୍ଥିତି ସ୍ଥିର ରହିଛି ଏବଂ ଏହା ଉପରେ ସତର୍କତା ଅବଲମ୍ବନ କରାଯାଉଛି ବୋଲି ସେନାମୁଖ୍ୟ କହିଛନ୍ତି।

ଅପରେସନ୍ ସିନ୍ଦୂର ଭାରତୀୟ ତିନି ସେନାର ସମନ୍ୱୟର ସର୍ବୋତ୍ତମ ଉଦାହରଣ ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି। ସେ କହିଛନ୍ତି, ଅପରେସନ୍ ଜାରି ରହିଛି ଏବଂ ଶତ୍ରୁପକ୍ଷର ଯେକୌଣସି

ଦୁଃସାହସିକ କାର୍ଯ୍ୟକଳାପକୁ ପ୍ରଭାବଶାଳୀ ଢଙ୍ଗରେ ମୁକାବିଲା କରାଯିବ। ମେ’ ୧୦ ତାରିଖ ପରଠାରୁ ପଶ୍ଚିମ ଫ୍ରଣ୍ଟ ଏବଂ ଜାମ୍ମୁ-କାଶ୍ମୀରରେ ପରିସ୍ଥିତି ସମ୍ବେଦନଶୀଳ ରହିଥିଲେ ମଧ୍ୟ ନିୟନ୍ତ୍ରଣାଧୀନ ରହିଛି ବୋଲି ସେ କହିଛନ୍ତି। ଗତ ବର୍ଷ ୩୧ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି ଏବଂ ସେଥିମଧ୍ୟରୁ ୬୫ ପ୍ରତିଶତ ପାକିସ୍ତାନ ମୂଳବାସିନ୍ଦା ଥିଲେ ବୋଲି ଜେନେରାଲ ଦ୍ୱିବେଦୀ ଉଲ୍ଲେଖ କରିଛନ୍ତି। ବିଶ୍ୱସ୍ତରୀୟ ପରିବର୍ତ୍ତନ ଏବଂ ବାସ୍ତବତାକୁ ଆକଳନ କରି ସେଥିପାଇଁ ପ୍ରସ୍ତୁତ ଥିବା ରାଷ୍ଟ୍ର ବିଜୟୀ ହେବ ବୋଲି ଜେନେରାଲ ଦ୍ୱିବେଦୀ କହିଛନ୍ତି।

## ଗଭ୍– ୧୦ ମିନିଟ୍ ଡେଲିଭରି

ଦେଶର ପ୍ରମୁଖ ଯୋଗାଣକାରୀ ସଂସ୍ଥାଗୁଡ଼ିକ ୧୦ ମିନିଟ୍ ଯୋଗାଣ ସେବା ସମୟସୀମା ପ୍ରତ୍ୟାହାର କରିବାକୁ ସମ୍ମତି ପ୍ରଦାନ କରିଛନ୍ତି। ସରକାରଙ୍କ ହସ୍ତକ୍ଷେପ ପରେ କମ୍ପାନୀଗୁଡ଼ିକ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରମୁଖ ଯୋଗାଣକାରୀ ସଂସ୍ଥା ବ୍ଲିଙ୍କ୍‌କିଟ୍, ଜେପ୍ଟୋ, ଜୋମାଟୋ ଏବଂ ସ୍ୱିଗି ସମେତ ଅନ୍ୟ ପ୍ଲାଟଫର୍ମଗୁଡ଼ିକ ସହିତ ବୈଠକ ପରେ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଗିଗ୍ କର୍ମଚାରୀଙ୍କ ପାଇଁ ଏଭଳି ପଦକ୍ଷେପ ଅଧିକ ସୁରକ୍ଷା ଏବଂ ଉନ୍ନତ କାର୍ଯ୍ୟ ପରିସ୍ଥିତିକୁ ସୁନିଶ୍ଚିତ କରିପାରିବ। ମିଳିଥିବା ସୂଚନା ଅନୁଯାୟୀ, ଇ-କର୍ମସ ପ୍ଲାଟଫର୍ମ ବ୍ଲିଙ୍କ୍‌କିଟ୍ ଏହି ନିଷ୍ପତ୍ତି ଉପରେ ପଦକ୍ଷେପ ଗ୍ରହଣ କରିସାରିଛି। ଏହାର ବ୍ରାଣ୍ଡିଂ ୧୦ ମିନିଟ୍ ଡେଲିଭରି ପ୍ରତିଶ୍ରୁତିକୁ ସେ

ପ୍ରତ୍ୟାହାର କରିନେଇଛି। ଆଗାମୀ ଦିନରେ ଅନ୍ୟ ସଂସ୍ଥାଗୁଡ଼ିକ ଏହି ନିଷ୍ପତ୍ତିକୁ ଅନୁପାଳନ କରିବେ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି।

# କିରଣ ରିଜିଜୁ- ଜି.ରାମ.ଜି.

ବିକଶିତ ଭାରତ ଜି.ରାମ୍.ଜି. ଆଇନର ସୁଫଳ ଖୁବ୍‌ଶୀଘ୍ର ଦେଶବାସୀ ଲାଭ କରିବେ ବୋଲି ସଂସଦୀୟ ଓ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି। ଦେଶର ଗ୍ରାମାଞ୍ଚଳରେ ଏହି ଆଇନ ନିଯୁକ୍ତି ଏବଂ ବିକାଶକୁ ପରିବର୍ତ୍ତନ କରିବାରେ ସହାୟକ ହେବ। ଉତ୍ତରପ୍ରଦେଶରେ ଲକ୍ଷ୍ନୌଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ଶ୍ରୀ ରିଜିଜୁ କହିଛନ୍ତି, ଏହି ଆଇନ ଉପରେ ବିରୋଧୀ ଦଳ ଗୁଡ଼ିକ ଜନସାଧାରଣଙ୍କୁ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରୁଛନ୍ତି। ମନରେଗା ଯୋଜନା ଦୁର୍ନୀତିର ପ୍ରତୀକ ପାଲଟିଥିବା ବେଳେ ଏହି ନୂତନ ଆଇନ ନିଯୁକ୍ତି ସୁଯୋଗକୁ ବ୍ୟାପକ କରିବା ସହ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବ ବୋଲି ଶ୍ରୀ ରିଜିଜୁ କହିଛନ୍ତି।

# ଭିପି-ଡ୍ରଗ୍ସ

ଦେଶର ଯୁବପିଢ଼ି ନିଶାମୁକ୍ତ, ସୁସ୍ଥ ଏବଂ ଉଦ୍ଦେଶ୍ୟ ପରିଚାଳିତ ହେଲେ ହିଁ ବିକଶିତ ଭାରତର ପରିକଳ୍ପନା ସାକାର ହୋଇପାରିବ ବୋଲି ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ କହିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନିଶାଦ୍ରବ୍ୟ ମୁକ୍ତ କ୍ୟାମ୍ପସ ଅଭିଯାନକୁ ଆଜି ସମ୍ବୋଧିତ କରି ଉପରାଷ୍ଟ୍ରପତି କହିଛନ୍ତି, ଏହି ଅଭିଯାନ ସରକାରଙ୍କ 'ନଶାମୁକ୍ତ ଭାରତ ପଦକ୍ଷେପ' ସହିତ ଦୃଢ଼ଭାବେ ଜଡ଼ିତ । ନିଶାଦ୍ରବ୍ୟର ଅପବ୍ୟବହାର ଏକ ସାମାଜିକ

ଆହ୍ୱାନ, ଏକ ଜନସ୍ୱାର୍ଥ ସମସ୍ୟା ଏବଂ ଦେଶର ଜନସଂଖ୍ୟାଗତ ଲାଭାଂଶ ପ୍ରତି ବିପଦ ବୋଲି ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜକୁ ନିଶାଦ୍ରବ୍ୟଠାରୁ ଦୂରରେ ରଖିବା ବର୍ତ୍ତମାନ ସମୟର ଆବଶ୍ୟକତା ବୋଲି ସେ କହିଛନ୍ତି। ନିଶାଦ୍ରବ୍ୟ ସେବନ ଶାରିରୀକ ଏବଂ ମାନସିକ ସ୍ୱାସ୍ଥ୍ୟକୁ ନଷ୍ଟ କରିଥାଏ । ନିଶାଦ୍ରବ୍ୟ ଅପବ୍ୟବହାର ବିରୋଧରେ ଲଢ଼ିବା ଏବଂ ସମସ୍ତଙ୍କ ମଧ୍ୟରେ ଏ ନେଇ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ଉପରେ ଉପରାଷ୍ଟ୍ରପତି ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି, ଯୁବପିଢ଼ି ଦେଶର ସର୍ବଶ୍ରେଷ୍ଠ ସମ୍ପତ୍ତି ଏବଂ ସେମାନଙ୍କର ପ୍ରତିଭା, ନବସୃଜନ ଓ କାର୍ଯ୍ୟଦକ୍ଷତା ଦେଶର ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ। ନିଶାମୁକ୍ତ ଯୁବବର୍ଗ ଦକ୍ଷ ହେବା ସହିତ ଉଦ୍ୟୋଗିତାକୁ ପ୍ରୋତ୍ସାହନ ପ୍ରଦାନ କରିବା ନେଇ ପ୍ରସ୍ତୁତ ହୋଇପାରିବେ ବୋଲି ଉପରାଷ୍ଟ୍ରପତି କହିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନିଶାମୁକ୍ତ କ୍ୟାମ୍ପସ ଅଭିଯାନ ଜାତୀୟ ଶିକ୍ଷାନୀତି -୨୦୨୦ ସହିତ ସମନ୍ୱିତ ହୋଇଛି। ଛାତ୍ର କଲ୍ୟାଣକୁ ପ୍ରାଥମିକତା ପ୍ରଦାନ ଆଧାରରେ କ୍ୟାମ୍ପସ ସଂସ୍କୃତି ସୃଷ୍ଟି କରିବା ନେଇ ଶ୍ରୀ ପ୍ରଧାନ ଶିକ୍ଷକ ଏବଂ ପ୍ରଶାସକଙ୍କୁ ପରାମର୍ଶ ଦେଇଛନ୍ତି।

**VO-Dharmendra Pradhan**

## ପ୍ରଧାନ–ଷ୍ଟାଣ୍ଡିଂ କମିଟି

ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଆଇଜର୍’ର ସ୍ଥାୟୀ କମିଟିର ତୃତୀୟ ବୈଠକ ଆଜି ନୂଆଦିଲ୍ଲୀରେ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସମସ୍ତ ୭ଟି ଯାକ ଆଇଜର ପ୍ରତିଷ୍ଠାନର ଶିକ୍ଷାଗତ ଓ ଗବେଷଣା ଫଳାଫଳ ଏବଂ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବୈଠକରେ ଆଲୋଚନା ହୋଇଛି। ପ୍ରତିଷ୍ଠାନଗୁଡ଼ିକରେ ଛାତ୍ର କୈନ୍ଦ୍ରିକ ଆଭିମୁଖ୍ୟକୁ ପ୍ରାଧାନ୍ୟ ପ୍ରଦାନ କରିବା ଉପରେ ଶ୍ରୀ ପ୍ରଧାନ ଗୁରୁତ୍ୱ ପ୍ରଦାନ କରିଛନ୍ତି। ଜୀବନଯାପନର ସହଜତାକୁ ବ୍ୟାପକ କରିବା ଏବଂ ସାମାଜିକ ପ୍ରଗତିକୁ ଆଗେଇ ନେବା ଲକ୍ଷ୍ୟ ନେଇ ଫଳାଫଳ କୈନ୍ଦ୍ରିକ ଗବେଷଣାକୁ ତ୍ୱରାନ୍ୱିତ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶିକ୍ଷାମନ୍ତ୍ରୀ କହିଛନ୍ତି, ଶିକ୍ଷାଗତ ଏବଂ ଗବେଷଣାତ୍ମକ ଉତ୍କର୍ଷତା ହାସଲ ପାଇଁ ଏକ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ସ୍ଥାୟୀ କମିଟି ବୈଠକରେ ବିଚାର ବିମର୍ଶ କରାଯାଇଛି। ଏଭଳି ପ୍ରୟାସ ବିଶ୍ୱସ୍ତରରେ ଭାରତର ଜ୍ଞାନ ନେତୃତ୍ୱକୁ ଅଧିକ ବ୍ୟାପକ କରିବ ବୋଲି ଶ୍ରୀ ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

## ଗଭ୍- ଲଜିଷ୍ଟିକ୍ ସେକ୍ଟର

ଦେଶର ପରିଚାଳନା କ୍ଷେତ୍ରରେ ଗତ କିଛି ବର୍ଷ ମଧ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହାସଲ ହୋଇଛି। ଏହି କ୍ଷେତ୍ରର ଖର୍ଚ୍ଚ ଏବେ ଜିଡିପିର ୭ ଦଶମିକ ୯/୭ ପ୍ରତିଶତକୁ ହ୍ରାସ ପାଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ

ହାସଲ କରିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି । ନିରନ୍ତର ସଂସ୍କାର ଏବଂ ସମନ୍ୱିତ ଯୋଜନାର ସଫଳତାକୁ ଏହା ପ୍ରତିଫଳନ କରିବା ସହିତ ଦେଶକୁ ବିଶ୍ୱ ମାନଦଣ୍ଡର ନିକଟତର କରୁଛି ବୋଲି ସରକାର କହିଛନ୍ତି । ଭାରତୀୟ ରେଳବାଇ ବାର୍ଷିକ ୧୯୨ ନିୟୁତ ଟନ୍ କ୍ଷମତା ସହିତ ୩୦୬ ଗତିଶକ୍ତି କାର୍ଗୋ ଟର୍ମିନାଲକୁ ଅନୁମୋଦନ ପ୍ରଦାନ କରିଛି । ୨୦୧୪ ପରଠାରୁ ୨ ହଜାର ୬୭୨ ନିୟୁତ ଟନ୍ ମାଲ୍ ପରିବହନ ସଡ଼କ ପଥରୁ ରେଳପଥକୁ ସ୍ଥାନାନ୍ତରିତ ହୋଇଛି । ଜି.ସି.ଟି. ନୀତି  ଅଧୀନରେ ଏ କ୍ଷେତ୍ରରେ ପ୍ରାୟ ୮ ହଜାର ୬୦୦ କୋଟି ଟଙ୍କାର ଘରୋଇ ନିବେଶ ସଂଗ୍ରହ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଡବ୍ଲ୍ୟୁପିଏଲ୍ କ୍ରିକେଟ

ନଭି ମୁମ୍ବାଇର ଡକ୍ଟର ଡି.ୱାଇ ପାଟିଲ  ସ୍ପୋର୍ଟସ ଏକାଡେମୀ ପଡ଼ିଆରେ ଆଉ ଅଳ୍ପ ସମୟ ମଧ୍ୟରେ ମହିଳା ପ୍ରିମିୟମ୍ କ୍ରିକେଟ ଲିଗ୍‌ର ଆଜିର ମ୍ୟାଚ୍ ଆରମ୍ଭ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଏବଂ ଗୁଜରାଟ ଜାଏଣ୍ଟସ ପରସ୍ପରକୁ ଭେଟୁଛନ୍ତି ।  ମୁମ୍ବାଇ ଇଣ୍ଡିଆନ୍ସ ଟସ୍‌ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

## ବ୍ୟାଡମିଣ୍ଟନ- ଇଣ୍ଡିଆ ଓପନ୍

ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଆଜିଠାରୁ ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି । ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଆୟୁଷ

ସେଟ୍ଟୀଙ୍କୁ ୨୧-୧୨, ୨୧-୧୫ ପଏଣ୍ଟରେ ପ୍ରଥମ ରାଉଣ୍ଡରେ ସେ ପରାସ୍ତ କରିଛନ୍ତି। ମହିଳା ମିଳିତ ବର୍ଗରେ ଗାୟତ୍ରୀ ଗୋପିଚାନ୍ଦ ଏବଂ ତ୍ରିଶା ଜୋଲିଙ୍କ ଯୋଡ଼ି ପରବର୍ତ୍ତୀ ପର୍ଯ୍ୟାୟରେ ପହଁଞ୍ଚିଛନ୍ତି। ଥାଇଲାଣ୍ଡ ପ୍ରତିପକ୍ଷଙ୍କୁ ଏହି ଭାରତୀୟ ମହିଳା ଯୋଡ଼ି ୨୧-୧୫, ୨୧-୧୧ ପଏଣ୍ଟରେ ପ୍ରଥମ ରାଉଣ୍ଡରେ ପରାସ୍ତ କରିଛନ୍ତି।